**ଅବକାରୀ ଚଢ଼ାଉ, ୩ ଗିରଫ**

ଭୋଗରାଇ,(ପ୍ରଦୀପ ଦାସ): ଭୋଗରାଇ ବ୍ଲକ ଥାନା ଛକ ଦେଉଳା ରାସ୍ତା ସଂଲଗ୍ନ ସରସ୍ୱତୀପୁର ଆଦିବାସୀ ଗ୍ରାମରେ ଗୁରୁବାର ଜଳେଶ୍ୱର ଓ ଭୋଗରାଇ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ମଦ ପ୍ରସ୍ତୁତ ସାମଗ୍ରୀ ଭାଙ୍ଗିବା ସହିତ ମଦ ବିକ୍ରେତା ମୀନା ମାରାଣ୍ଡି, ସଲେଜ ବାସ୍କେ ଓ ଅନୀଲ ଟୁଡୁଙ୍କୁ ଗିରଫ କରିଛନ୍ତି। ଏହାସହ ୩ ଜଣଙ୍କଠାରୁ ୫୭ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଜଳେଶ୍ୱର ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ପରିଡ଼ା, ଭୋଗରାଇ ଓଆଇସି ରଞ୍ଜନ କୁମାର ଦାସ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ବାଲେଶ୍ୱର

### ଘର ସହ ଜଳିଗଲା ୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ

ବାଲିଆପାଳ(ଅମୂଲ୍ୟ କୁମାର ଦାସ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ), ୮।୨

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ସାର୍ଥା ଗ୍ରାମରେ ନିଆଁ ଲାଗି ଦୁଇ ବଖରା ଘର ସମେତ ଘରର ସମସ୍ତ ଆସବାବପତ୍ର, ୧୦କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ, ସୁନାଗହଣା ଏବଂ ନଗଦ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଅହଲ୍ୟାଙ୍କ ପରିବାରର ସମସ୍ତେ ସକାଳୁ କାମକୁ ବାହାରି ଯାଇଥିଲେ। ତାଙ୍କ ସାନ ଭଉଣୀ ଘରେ ଏକୁଟିଆ ରୋଷେଇ କରୁଥିବା ବେଳେ ଅସାବଧାନତା ଯୋଗୁ ଚୁଲିରୁ ନିଆଁ ଉଠି ଘରେ ନିଆଁ ଲାଗି ଯାଇଥିଲା। ସାହି ପଡ଼ିଶା ଲୋକେ ଦୌଡ଼ି ଆସି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମସ୍ତ ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ୍ୟ ଅଗ୍ନିଶମ ପହଞ୍ଚି ନ ଥିଲା। ଝିଅ ବାହାଘର ପାଇଁ ଥିବା ସମସ୍ତ ସୁନାଗହଣା, ନଗଦ ୫୦ହଜାର ଟଙ୍କା, ୧୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ, ପିଲାମାନଙ୍କ ସାର୍ଟିଫିକେଟ, ଆଧାର କାର୍ଡ଼ ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି।

# ଖଇରାବାସୀଙ୍କ ଅଦାଲତ ସ୍ୱପ୍ନ ମଉଳିଗଲାଣି

ଖଇରା, ୮।୨(ଉତ୍କଳବନ୍ଧୁ ପଣ୍ଡା)


କୋର୍ଟ ଖୋଲାଯିବାକୁ ଖଇରା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ହୋଇଥିବା ସ୍ୱତନ୍ତ୍ର ବ୍ୟବସ୍ଥା।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଦେୱାନୀ ଓ ଫୌଜଦାରୀ କୋର୍ଟ ଖୋଲିବା ଲାଗି ନିର୍ଦ୍ଦେଶନାମାର ଦେଢ଼ବର୍ଷ ବିତିଯିବାକୁ ବସିଥିବା ବେଳେ କୋର୍ଟ କାର୍ଯ୍ୟକ୍ଷମ ହୋଇପାରିଲାନି। ଏଭଳି ଅସ୍ଥାୟୀ କୋର୍ଟ ପାଇଁ ଖଇରା ବ୍ଲକ ପରିସରରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବାର ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇସାରିଥିବା ବେଳେ କୋର୍ଟ ଖୋଲିବାର ଗନ୍ଧ ବାସନା ମିଳୁନି। ଏବେ ଏଭଳି ଅନିଶ୍ଚିତତା ମଧ୍ୟରେ କୋର୍ଟ ଖୋଲିବା ସ୍ୱପ୍ନ ମଉଳିବାକୁ ଆରମ୍ଭ କଲାଣି। ଏଥିପାଇଁ ଖଇରାବାସୀ ରାଜନୈତିକ ନେତୃବୃନ୍ଦଙ୍କ ଇଚ୍ଛାଶକ୍ତି, ଜିଲା ପ୍ରଶାସନର ଅବହେଳାକୁ ଦାୟୀ କରିଛନ୍ତି। ଯଦି ସାଧାରଣ ନିର୍ବାଚନ ପୂର୍ବରୁ କୋର୍ଟ ଖୋଲିବାର ବ୍ୟବସ୍ଥା କରା ନ ଯାଏ ତେବେ ଏହି ପ୍ରସଙ୍ଗ ନେତାଙ୍କ ହାରଜିତ୍‌କୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

ଖଇରାବାସୀଙ୍କ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ୨୦୨୨ ସେପ୍ଟେମ୍ବର ୨୪ତାରିଖରେ ଓଡିଶାର ୩୪ଟି ସ୍ଥାନରେ କୋର୍ଟ ଖୋଲିବା ପାଇଁ ଜାଗା ନିରୂପଣ ଓ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ହାଇକୋର୍ଟଙ୍କ ଦ୍ୱାରା ବିଭିନ୍ନ ଜିଲାର ଜିଲା ଓ ସେସନ୍ସ ବିଚାରପତିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିମଧ୍ୟରେ ଖଇରାର ନାମ ଅନ୍ତର୍ଭୁକ୍ତ ଥିଲା। ସ୍ଥାୟୀ ଜାଗା ନିରୂପଣ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଖଇରା ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ କୋର୍ଟ ଚଳାଇବାକୁ ଜିଲା ବିଚାରପତିଙ୍କ ନେତୃତ୍ୱରେ ଏକ ଟିମ୍ ଖଇରା ପରିଦର୍ଶନରେ ଆସି ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ବିଡିଓ ପର୍ଶୁରାମ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁଦ୍ଧକାଳୀନ ଭିତ୍ତିରେ କାଟଗଡା, ବନ୍ଦୀଗୃହ, କୋର୍ଟପରିସର ଆଦି ନିର୍ମାଣ କରାଯାଇଥିଲା। ହେଲେ ୨୦୨୩ ଫେବୃଆରୀ ୨୭ରୁ ଏହି ଅସ୍ଥାୟୀ କୋର୍ଟ ଅଧିକାରୀଙ୍କ ଉନ୍ମୋଚନକୁ ଅପେକ୍ଷା କରି ରହିଥିଲେ ହେଁ କୋର୍ଟ ଖୋଲାଯିବା ପ୍ରକ୍ରିୟା ଅନିଶ୍ଚିତତା ଦେଇ ଗତି କରୁଛି। ଖଇରା ଲୋକେ ପୂର୍ବଭଳି ଖର୍ଚ୍ଚାନ୍ତ ହୋଇ ସୋର ଓ ବାଲେଶ୍ୱର ଦୌଡି ନୟାନ୍ତ ହେଉଛନ୍ତି। ଖୁବ୍‌ଶୀଘ୍ର ଆଗାମୀ କାର୍ଯପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ସାମାଜିକ କର୍ମୀ ଅଭିରାମ ମହାପାତ୍ର, ଗଦାଧର ବାରିକ ଓ ଶଙ୍କର୍ଷଣ ପରିଡା ପ୍ରମୁଖ ପ୍ରକାଶ କରିଛନ୍ତି।

### ମନ୍ଦିରକୁ ବିଜେ କଲେ ମା' ବଗଳାମୁଖୀ


ଗୁରୁବାର-ମା' ବଗଳାମୁଖୀଙ୍କ ନିକଟରେ ଲାଗିଥିବା ୧୦୦୮ ପ୍ରକାର ପ୍ରସାଦ।

ବାଲେଶ୍ୱର, ୮।୨(ମାନସ ବିଶ୍ୱାଳ)

**ଲାଗି ହେଲା ୧୦୦୮ ପ୍ରକାର ପ୍ରସାଦ**

ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ା ନିକଟସ୍ଥ ଶ୍ରୀଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ମା' ବଗଳାମୁଖୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଜନ୍ମ ଉତ୍ସବ ୩ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶତାଧିକ ଭକ୍ତଙ୍କ ଗହଣରେ ଗୁରୁବାର ମହାଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଛି।

ମହାଶକ୍ତିପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧି ପୂର୍ବକ ସମାପନ ହୋଇଥିଲା। ମା'ଙ୍କୁ ୧୦୦୮ ପ୍ରକାର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ପ୍ରସାଦ ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ପୀଠ ପରିସରରେ ଉପସ୍ଥିତ ରହି ନିଷ୍ଠାର ସହ ସମସ୍ତ ପ୍ରସାଦ ପ୍ରସ୍ତୁତ କରିଥିଲେ। ଏମିତିକି ଶତାଧିକ ପ୍ରକାର ମିଷ୍ଟାନ୍ନ ଓ ଚକୋଲେଟ ମଧ୍ୟ ଏଥିରେ ସାମିଲ କରାଯାଇଥିଲା। ଜଣେ ମହିଳା ଭକ୍ତ ମା'ଙ୍କ ଜନ୍ମୋତ୍ସବ ପାଇଁ ବିଶାଳ କେକ୍ ପ୍ରସ୍ତୁତ କରିଥିଲେ। ଏପରି ଏକ ବିରଳ ପ୍ରସାଦ ଅର୍ପଣ ସେବା ଦେଖିବାକୁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମହାଶକ୍ତି ପୀଠ ପକ୍ଷରୁ ୩ ଦିନ ଧରି ଭକ୍ତମାନଙ୍କ ନିମନ୍ତେ ସାମୂହିକ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହା ପରେ ଯଜ୍ଞମଣ୍ଡପରୁ ମା' ମନ୍ଦିରକୁ ବିଜେ କରିବା ପରେ ମହାଆଳତୀ କରାଯାଇଥିଲା।

### ପୁଣି ହାତୀ ଭାଙ୍ଗିଲା ଘର, ଲୋକେ ଭୟଭୀତ

ଜଳେଶ୍ୱର, ୮।୨(ରବିନାରାୟଣ ପାତ୍ର)

ଜଳେଶ୍ୱର ବ୍ଲକ ରାଇବଣିଆ ଅଞ୍ଚଳରେ ହାତୀ ଉତ୍ପାତ ଦିନକୁ ଦିନ ବଢ଼ିଚାଲିଛି। ଗତ ରାତିରେ ପୁଣି ଅନ୍ୟ ଏକ ଘର ଭାଙ୍ଗିଥିବାରୁ ହାତୀ ଆତଙ୍କ ଦେଖାଦେଇଛି। ଶିମିଳିପାଳ ଓ ଝାଡଖଣ୍ଡୀ ହାତୀ ରାଇବଣିଆ ଅଞ୍ଚଳର କେତେକ ଜଙ୍ଗଲରେ ରହି ବାରମ୍ବାର କ୍ଷତି ଘଟାଉଛନ୍ତି। କେବେ ଝାଡଖଣ୍ଡୀ ହାତୀଗୁଡିକ ପଶ୍ଚିମବଙ୍ଗ ରାସ୍ତାରେ ରାଇବଣିଆକୁ ପ୍ରବେଶ କରୁଥିବା ବେଳେ ଆଉ କେତେକ ଶିମିଳିପାଳ ହାତୀ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ମୋରାଡା ରାସ୍ତାରେ ରାଇବଣିଆକୁ ପ୍ରବେଶ କରୁଛି। ମଙ୍ଗଳବାର ରାତିରେ ଏକ ବିଦ୍ୟାଳୟରେ ପଶି ହାତୀ କ୍ଷତି କରିଥିବା ବେଳେ ବନବିଭାଗ କର୍ମଚାରୀ ଘଉଡାଇ ଦେଇଥିଲେ। ପରେ ଏକ ଗୋଠଖଣ୍ଡିଆ ଦନ୍ତା କଳମା ପଞ୍ଚାୟତର ପ୍ରସାଦଶୋଳ ଗାଁର ଦୁଲାଲ ବାସ୍କେଙ୍କ ଗୃହକୁ ଭାଙ୍ଗି ନଷ୍ଟ କରିଛି। ଗୁରୁବାର ମଧ୍ୟ ଦନ୍ତା ଲୁହାପଡା ଜଙ୍ଗଲରେ ବୁଲୁଥିବା ଦେଖିବାକୁ ମିଳିଛି। ହାତୀ ଆସୁଥିବା ଖବରପାଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ କାଟ ହେଉଥିବାରୁ ଜନସାଧାରଣ ଅନ୍ଧାରରେ କାଳ କାଟୁଛନ୍ତି।

### ସାହାର୍ଦ୍ଦା ପ୍ରିମିୟର ଲିଗ୍-୧ ଉଦ୍‌ଘାଟିତ

ରେମୁଣା, ୮।୨(ରବୀନ୍ଦ୍ର ମହାକୁଡ଼)

ରେମୁଣା ନିର୍ବାଚନ ମଣ୍ଡଳୀର ବରୁଣସିଂ ପଞ୍ଚାୟତ ସାହାର୍ଦ୍ଦା ଠାରେ ସାହାର୍ଦ୍ଦା ପ୍ରିମିୟର ଲିଗ୍‌ର ୧ମ ସଂସ୍କରଣ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ସାହାର୍ଦ୍ଦା ଅଞ୍ଚଳର ଯୁବଗୋଷ୍ଠୀ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛନ୍ତି। ରେମୁଣା ନିର୍ବାଚନ ମଣ୍ଡଳୀର ବିଜେଡି ଯୁବନେତା ବଂଶୀଧର ଦଳେଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳି ଓ କ୍ରିକେଟପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟର କ୍ରୀଡ଼ା ଓ କ୍ରୀଡ଼ାବିତ୍, ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରି ବିଶେଷ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବା ଆଲୋକପାତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ବରୁଣସିଂହ ୫ ଷ୍ଟାର ୧୧ ଓ ଭାଇରସ ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୧ ନମ୍ବର ୱାର୍ଡ଼ସଭ୍ୟ ଶ୍ୟାମଘନ ଦାସ, ଗୋପୀନାଥ ବାରିକ, ନିରଞ୍ଜନ ବାରିକ, ସୁଦାମ ଦାସ, ଗୟାଧର ଦାସ, ମନୋରଞ୍ଜନ ଦାସ, ମନୋରଞ୍ଜନ ବେହେରା, ସଦାନନ୍ଦ ମହାକୁଡ଼, ଶ୍ରୀଧର ଦାସ ଓ ମୁକ୍ତିକାନ୍ତ ପୁଥାଳ ପ୍ରମୁଖ ଉପସ୍ଥିତ ଥିଲେ।

### ସୁପରଭାଇଜରଙ୍କ ଅକାଳ ବିୟୋଗ

ଭୋଗରାଇ, ୮।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ପରିସରରେ ନିର୍ମାଣ ହେଉଥିବା ନୂତନ ଗୃହ ତଦାରଖ କରୁଥିବା ଜଣେ କାର୍ଯ୍ୟରତ ସୁପରଭାଇଜର ମହେଶ୍ୱର ପରିଡ଼ାଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ଅକାଳ ମୃତ୍ୟୁ ହୋଇଛି। ତାଙ୍କ ଘର ନୟାଗଡ଼ ଜିଲା ଫତେଗଡ଼ ଥାନା ବଉଳବତୀ ଗ୍ରାମରେ। ସେ ସକାଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ଅନ୍ୟ କାର୍ଯ୍ୟରତ ଶ୍ରମିକଙ୍କୁ ପାଣି ମାଗି ପିଇବା ପରେ ଅଚେତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଭୋଗରାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛନ୍ତି।

### ଡିଆରଡିଓ କେନ୍ଦ୍ରାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ: ଭାଗ ନେଲେ ୧୦ ଟିମ୍

ବାଲେଶ୍ୱର, ୮।୨(ମାନସ ବିଶ୍ୱାଳ)


ଖେଳାଳିଙ୍କ ସହ ଅତିଥିଙ୍କ କରମର୍ଦ୍ଦନ।

ଚାନ୍ଦିପୁରସ୍ଥିତ ଡିଆରଡିଓ ପରିସର ପିଏକ୍ସଇ ପଡ଼ିଆରେ ଡିଆରଡିଓ କେନ୍ଦ୍ରାଞ୍ଚଳ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଡିଆରଡିଓ କେନ୍ଦ୍ରାଞ୍ଚଳ ଅଧୀନ ହାଇଦ୍ରାବାଦର ୬ଟି, ଜଗଦଲପୁର ଓ ବିଶାଖାପାଟଣାର ଗୋଟିଏ ଲେଖାଏଁ ତଥା ଚାନ୍ଦିପୁର ପରିସରର ଦୁଇଟି ମୋଟ୍ ୧୦ଟି ଟିମ୍ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଥମ ୩ଦିନ ଲିଗ୍ ମ୍ୟାଚ୍, ଚତୁର୍ଥ ଦିନ ସେମିଫାଇନାଲ ତଥା ଅନ୍ତିମ ଦିନ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପିଏକ୍ସଇ ନିର୍ଦ୍ଦେଶକ ବୈଜ୍ଞାନିକ ସୁବୋଧ କୁମାର ନାୟକ, ଆୟୋଜକ ସମିତିର ଚେୟାରମ୍ୟାନ୍ କର୍ଣ୍ଣେଲ ରାମଚନ୍ଦ୍ର କ୍ଷେତ୍ରୀ ଉଦ୍‌ଘାଟନ କରିଥିଲେ। ଡିଆରଡିଓ ତା'ର ଦୈନନ୍ଦିନର ଗବେଷଣା ସହିତ କର୍ମଚାରୀମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଏଭଳି ପ୍ରତିଯୋଗିତା ଆୟୋଜନ କରିଆସୁଛି।

### ଜିଲାପାଳ ବଦଳି ଆଦେଶକୁ ଅବମାନନା

**ପ୍ରତିବାଦରେ ପଞ୍ଚାୟତ ଲୋକପ୍ରତିନିଧିଙ୍କ ମେଳି**

ଔପଦା, ୮।୨(ଧରିତ୍ରୀ ପ୍ରଣ୍ଡା)

ଔପଦା ବ୍ଲକର ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଜିଲାପାଳଙ୍କ ବଦଳି ଆଦେଶକୁ ବ୍ଲକ ପ୍ରଶାସନର ଅବମାନନା ପ୍ରତିବାଦରେ ବିଭିନ୍ନ ପଞ୍ଚାୟତରେ ନିର୍ବାଚିତ ସଭ୍ୟାସଭ୍ୟମାନେ ଏକତ୍ରିତ ହୋଇଛନ୍ତି। ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜିତ୍ରା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଗୁରୁବାର ବ୍ଲକରେ ମେଳି ହୋଇଥିଲେ। ବ୍ଲକର ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଜିଲାପାଳଙ୍କ ପତ୍ର ସଂଖ୍ୟା-୨୦୫, ତା୫।୨।୨୦୨୪ ରିଖରେ ବଦଳି କରାଯାଇ ନୀଳଗିରି ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମଙ୍ଗୁଳରାଜ ଅଭିଷେକଙ୍କୁ ଦାୟିତ୍ୱ ନେବାକୁ ନିର୍ଦ୍ଦେଶ ଥିବା ବେଳେ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ନୂଆ ସମାଜ ମଙ୍ଗଳ ଅଧିକାରୀଙ୍କୁ କାର୍ଯ୍ୟରେ ଯୋଗଦାନ ନ କଲେ ସମୂହ ନିର୍ବାଚିତ ସଭ୍ୟମାନେ ବ୍ଲକ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଅଧ୍ୟକ୍ଷା ବିଜିତ୍ରା ପାତ୍ର ଏଭଳିବ୍ୟବସ୍ଥା ପାଇଁଜିଲାପାଳଙ୍କ ସହ ଫୋନରେ କଥା ହେବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିଡ଼ିଓଙ୍କ ଅନୁପସ୍ଥିତିରେ ବ୍ଲକ ଭାରପ୍ରାପ୍ତ ମୁଖ୍ୟ କିରାଣି ରତିକାନ୍ତ ମହାନ୍ତି ନୂଆ ସମାଜ ମଙ୍ଗଳ ଅଧିକାରୀଙ୍କ ଯୋଗଦାନକୁ ଗ୍ରହଣ କରିଥିଲେ।

## ମୟୂରଭଞ୍ଜ

### କାର୍ଯ୍ୟରେ ଯୋଗଦେଲେ ନୂତନ ବିଡିଓ



ମୋରଡ଼ା, ୮।୨ (ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ନୂତନ ବିଡିଓ ଭାବେ ଅଣାକର ନାଏକ ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ବିଡିଓ ଜୟକୃଷ୍ଣ ପାତ୍ରଙ୍କଠାରୁ ସେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଅନୁଗୋଳ ଜିଲାର ଡେପୁଟି କଲେକ୍ଟର ଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ନୂତନ ବିଡିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଆଗକୁ ବ୍ଲକର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି ସେ ପ୍ରକାଶ କରିଛନ୍ତି।

# ୧୯.୦୭ ଲକ୍ଷରେ ନିଲାମ ହେଲା ମାଣତ୍ରୀ ଜାଗର ମେଳା ପଡ଼ିଆ

ବାରିପଦା, ୮।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ଜାଗର ମେଳା ପଡ଼ିଆ ଚଳିତବର୍ଷ ରେକର୍ଡ ଦରରେ ନିଲାମ ହୋଇଛି। ଗୁରୁବାର ବଡ଼ସାହି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡିଓ ଆକାଶ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନିଲାମ ପ୍ରକ୍ରିୟାରେ ମାଣତ୍ରୀ ପଞ୍ଚାୟତ ଆଙ୍କପୁରା ଗ୍ରାମର ଅଶ୍ୱିନୀ ବେହେରା ୧୯ ଲକ୍ଷ ୭ ହଜାର ୧୦୦ ଟଙ୍କାରେ ମେଳା ପଡ଼ିଆ ନିଲାମ ନେଇଛନ୍ତି। ଗତବର୍ଷ ମାଣତ୍ରୀର ସଞ୍ଜୟ ପଣ୍ଡା ୧୦.୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ ନେଇଥିଲେ।

ସରକାରଙ୍କ ନିୟମ ଅନୁସାରେ ସେହି ନିଲାମ ଦରର ୧୦ ପ୍ରତିଶତ ଅଧିକ ଦର ଅର୍ଥାତ୍ ୧୧ ଲକ୍ଷ ୬୮ ହଜାର ୯୭୦ ଟଙ୍କା ପ୍ରାରମ୍ଭିକ ନିଲାମ ଦର ସ୍ଥିର ହୋଇଥିଲା। ଚଳିତ ନିଲାମରେ ସର୍ବାଧିକ ୫୩ ଜଣ ଆଶାୟୀ ଅମାନତ ଅର୍ଥ ଜମା ରଖି ନିଲାମରେ ଅଂଶଗ୍ରହଣ କରିଥିଲେ। ତେବେ ପୂର୍ବ ପଟ୍ଟାଦାର ସଞ୍ଜୟଙ୍କଠାରୁ ୧୦୦ ଟଙ୍କା ଅଧିକ ଡାକି ଅଶ୍ୱିନୀ ୧୯ ଲକ୍ଷ ୭ ହଜାର ୧୦୦ ଟଙ୍କାରେ ମେଳା ପଡ଼ିଆ ନିଲାମ ନେଇ ସମସ୍ତ ଅର୍ଥ ଜମା ପୂର୍ବକ ରାଜିନାମା ସ୍ୱାକ୍ଷର କରିଛନ୍ତି। ନିଲାମ ଅର୍ଥର ଏକତୃତୀୟାଂଶ ମାଣତ୍ରୀ ପଞ୍ଚାୟତ ଓ ଦୁଇ ତୃତୀୟାଂଶ ଦେବତ୍ତୋର ବିଭାଗକୁ ମିଳିଥାଏ। ନିଲାମ ଡାକରେ ମନ୍ଦିର ପରିଚ୍ଛା ପ୍ରଦୀପ କୁମାର ପଣ୍ଡା, ମାଣତ୍ରୀ ସରପଞ୍ଚ ସାବିତ୍ରୀ ସିଂଙ୍କ ସମେତ ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଏହି ମେଳା ଶିବରାତ୍ରିଠାରୁ ୧୦ ଦିନ ବ୍ୟାପୀ ବସିଥାଏ। ୧୦୦୦ରୁ ଉର୍ଦ୍ଧ୍ୱ ଅସ୍ଥାୟୀ ଦୋକାନୀ ସେମାନଙ୍କ ପସରା ମେଲାଇଥାନ୍ତି। ଓଡ଼ିଶାର ନାମୀଦାମୀ ଯାତ୍ରାନୁଷ୍ଠାନ ୮ଦିନ ଧରି ନାଟକ ପରିବେଷଣ କରନ୍ତି।

### ସଶକ୍ତ ଓଡ଼ିଶା କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଖୁଣ୍ଟା(ଦେବରଞ୍ଜନ ବେହେରା)/ ଗୋପବନ୍ଧୁ ନଗର (ଶାନ୍ତନୁ କୁମାର ମଢୁଆଳ),୮।୨

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ୍ ପରିସରରେ କପ୍ତିପଦା ଉପଖଣ୍ଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଜନଜାତି ସମ୍ପ୍ରଦାୟକୁ ନେଇ ସଶକ୍ତ ଓଡ଼ିଶା ସାଥୀ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରୀ, ଗୋପବନ୍ଧୁ ନଗର ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ଜିଲାପରିଷଦ ସଭ୍ୟା, ଏଡଡବ୍ଲ୍ୟୁଓ ରାକେଶ ରଞ୍ଜନ ବିଶ୍ୱାଳ, ବିଏସ୍ଏସ୍ ଓ ଦେବାଶିଷ ବେହେରା, ବ୍ଲକ୍ ଡବ୍ଲ୍ୟୁଇଓ ସତ୍ୟଭାନୁ ସର୍ଦ୍ଦାର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟରେ ପ୍ରାୟ ୬୨ ପ୍ରକାର ଜନଜାତି ବସବାସ କରୁଥିବାବେଳେ ସେମାନଙ୍କ ଜୀବନ, ଜୀବିକା ଓ ସଂସ୍କୃତିର ବିକାଶ ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ବୋଲି ଅତିଥିଗଣ ସୂଚାଇଥିଲେ। ସେମାନଙ୍କର ଆୟକୁ ଦ୍ୱିଗୁଣିତ କରିବା, ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ନିମନ୍ତେ ଥିବା ସରକାରୀ ସହାୟତା, କୃଷିର ବିକାଶ ପାଇଁ କ୍ଲଷ୍ଟର ସୃଷ୍ଟି କରାଯାଇ ମାଗଣା କୃଷି ସାମଗ୍ରୀ ବଣ୍ଟନ, ସର୍ବପୋରୀ 'ଲାଭ' ଯୋଜନା ମାଧ୍ୟମରେ ସମ୍ପୃକ୍ତ ସଂଗୃହୀତ ଲଘୁ ବନ୍ୟଜାତ ସାମଗ୍ରୀଗୁଡ଼ିକୁ ଟିଡ଼ିସିସି ସଂସ୍ଥା ମାଧ୍ୟମରେ ବିକ୍ରି କରିପାରିବେ ବୋଲି ସୂଚାଇଥିଲେ। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ସଂସ୍କୃତି ଓ ପରମ୍ପରାର ବିକାଶ ସରକାରଙ୍କ ଏକ ଯୁଗାନ୍ତକାରୀ ପ୍ରୟାସ ବୋଲି କହିଥିଲେ। ଏହି ଅବସରରେ ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଉକ୍ତ ସମ୍ପ୍ରଦାୟର ସଂସ୍କୃତି, ନୃତ୍ୟ, ଭାଷା ଓ ସାହିତ୍ୟର ଉନ୍ନତି, ଗ୍ରାମ୍ୟ ବୈଦ୍ୟ ( କବିରାଜ) ଓ ଗ୍ରାମ୍ୟ ମୁଖ୍ୟ ଆଦି ଉଲ୍ଲେଖନୀୟ ଅବଦାନ ଥିବା ୯ଜଣ ମହିଳାଙ୍କ ସମେତ ୧୫ ଜଣ ପୁରୁଷଙ୍କୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାନପତ୍ର ଓ ଉପଢୌକନ ପ୍ରଦାନ କରି ଅତିଥିମାନେ ସମ୍ମାନିତ କରିଥିଲେ।

### ଜଙ୍ଗଲରୁ ନିଖୋଜ ଯୁବତୀଙ୍କ ମୃତଦେହ ଜବତ

ରାଇରଙ୍ଗପୁର,୮।୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ଜଟାପାଣି ଗ୍ରାମ ଅଞ୍ଚଳ ନିକଟସ୍ଥ ଜଙ୍ଗଲରୁ ନିଖୋଜ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଗୁରୁବାର ଜବତ କରିଛି। ମୃତ ଯୁବତୀ ଉକ୍ତ ଜଟାପାଣି ଗ୍ରାମର ରସିକ ସୈଏଙ୍କ ଝିଅ କନ୍ୟା କୁମାରୀ ସୈଏ(୧୯)। ସୂଚନା ଅନୁଯାୟୀ, କନ୍ୟା ଗତ ୨୧ ଡିସେମ୍ବର ୨୦୨୩ରୁ ନିଖୋଜ ନେଇ ରସିକଙ୍କ ଅଭିଯୋଗ କ୍ରମେ ଏକ ମାମଲା ରୁଜୁହୋଇଥିଲା। ଗୁରୁବାର ଜଙ୍ଗଲରେ ଗଳିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଜାମଦା ଥାନା ଅଧିକାରୀ ଅନିତା ସ୍ୱାଇଁ, ଏଏସ୍ଆଇ ଅମ୍ବିକା ମହାନ୍ତ ପହଞ୍ଚି ମୃତଦେହ ଜବତ କରି ଚିହ୍ନଟ ପରେ ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ହସ୍ପିଟାଲକୁ ବ୍ୟବଚ୍ଛେଦ କରାଇବାକୁ ପଠାଇଥିଲେ। ଘଟଣାସ୍ଥଳରୁ ଏକ ମୋବାଇଲ ଏବଂ ଏକ ଯୋତା ପୋଲିସ ଜବତ କରିଛି। ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଫିସର ଅନିତା ସ୍ୱାଇଁ କହିଛନ୍ତି।

# ସୂଚନା ଅଧିକାର ଆଇନ ସମ୍ପର୍କିତ ତାଲିମ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମ।

ବାରିପଦା,୮।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଅଧୀନସ୍ଥ ସୂଚନା ଅଧିକାର ଆଇନ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ଗୁରୁବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ଏକଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସୂଚନା ଅଧିକାର ଆଇନ (ଆର.ଟି.ଆଇ) ଅଧିନିୟମ, ୨୦୦୫ର ଧାରା ୪ (୧) (ଖ) ଅଧୀନରେ ଲିପିବଦ୍ଧ ସ୍ୱେଚ୍ଛାକୃତ ପ୍ରକାଶର ବାଧ୍ୟତାମୂଳକ ପ୍ରାବଧାନ ସଂଲଗ୍ନ ନିୟମାବଳୀ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ଜିଲାର ବିଭିନ୍ନ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଯୋଗ ଦେଇଥିଲେ।

ଜିଲାପାଳ ଆଶିଷ ଠାକରେଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଓ ଅତିରିକ୍ତ ଜନ ସୂଚନା ଅଧିକାରୀ ବିକାଶ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାରଙ୍କର ସୂଚନା ଅଧିକାର ଆଇନର ଡୋମେନ ଏକ୍ସପର୍ଟ ହର୍ଷ ପରିଚ୍ଛା ଆଭାସୀ ମାଧ୍ୟମରେ ଏହି ଶିବିରକୁ ପରିଚାଳନା କରିଥିଲେ। ଆବେଦନଗୁଡ଼ିକ ପରିଚାଳନା କରିବାବେଳେ ସର୍ବଦା ନିୟମ ମଧ୍ୟରେ କାର୍ଯ୍ୟ କରିବାକୁ ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁରୋଧ ଗୁଡ଼ିକର ଉତ୍ତର ପ୍ରଦାନ କରିବାକୁ ନିଶ୍ଚିତ କରିବାକୁ ପରିଚ୍ଛା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଧାରା ୪ (୧) (ଖ) ର ପ୍ରାବଧାନ ଗୁଡ଼ିକୁ ନିୟମିତ ଅନୁଧ୍ୟାନ କରିବାକୁ ସେ ଅଧିକାରୀମାନଙ୍କୁ ସୂଚିତ କରାଇଥିଲେ। ଶିବିରରେ ୧୦୦ ରୁ ଉର୍ଦ୍ଧ୍ୱ ଜିଲା ଓ ଉପଖଣ୍ଡସ୍ତରୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ଶେଷରେ ପ୍ରଶ୍ନୋତ୍ତର ଅଧିବେଶନରେ ଉପସ୍ଥିତ ଅଂଶଗ୍ରହଣକାରୀମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦିଆଯାଇଥିଲା।

### ସଶକ୍ତ ଓଡ଼ିଶା ସାଥୀ, ଜନଜାତି ସଂସ୍କୃତି ପ୍ରଗତି କାର୍ଯ୍ୟକ୍ରମ

କରଞ୍ଜିଆ, ୮।୨ (କବିତା ମହାନ୍ତ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ଗୁରୁବାର କରଡ଼ିଆ ରୋଡ୍‌ସ୍ଥିତ ସାଇ ସାଗର କନକ୍ଲେଭଠାରେ ଓଡ଼ିଶା ସରକାରଙ୍କ ଆଦିବାସୀ ବିଭାଗର ସଶକ୍ତ ଓଡ଼ିଶା ସାଥୀ ଓ ଜନଜାତି ସଂସ୍କୃତି ପ୍ରଗତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଏ ଆଇଟିଡିଏ ଦେବଯାନୀ ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ନାୟକ ଓ ଦିବାକର ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜନଜାତିମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଇବା ସହ ଆଦିବାସୀମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କ ସଂସ୍କୃତିକୁ ଉଜ୍ଜୀବିତ ରଖିବା ଲାଗି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପି.ଏ. ସୁଶ୍ରୀ ଭୂୟାଁ କହିଥିଲେ। ଏହି ଅବସରରେ ୨୫ଜଣ ଆଦିବାସୀ ବ୍ୟକ୍ତିଙ୍କୁ ଉଲ୍ଲେଖନୀୟ ସଫଳତା ପାଇଁ ସମ୍ମାନିତ କରାଯାଇଥିଲା। ୫୦ ଆଦିବାସୀ ଗୋଷ୍ଠୀଙ୍କୁ ବାଦ୍ୟ ଉପକରଣ ବଣ୍ଟନ କରାଯାଇ ସେମାନଙ୍କ କଳାକୁ ଉତ୍ସାହିତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଅସିତ୍ ମହାକୁଡ଼ ଓ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନୀଳିମା ସାହୁ ମଞ୍ଚ ସଂଯୋଜନା କରିଥିଲେ।

### ପୋଖରୀରୁ ମିଳିଲା ଯୁବକଙ୍କ ମୃତଦେହ

ଖୁଣ୍ଟା(ଦେବରଞ୍ଜନ ବେହେରା)/ ଗୋପବନ୍ଧୁ ନଗର(ଶାନ୍ତନୁ କୁମାର ମଢୁଆଳ), ୮।୨

ଖୁଣ୍ଟା ଥାନା ଅଧୀନ ସପନଚୁଆ ଗ୍ରାମରେ ଏକ ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ମିଳିଛି। ମୃତକ ହେଲେ ବଡ଼ସାହି ଥାନା ଅସ୍ତଝରଣ ଗ୍ରାମର ରତନ ହେମ୍ବ୍ରମ (୩୫)। ସପନଚୁଆ ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱ ଉକ୍ତ ପୋଖରୀରେ ଏକ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସରପଞ୍ଚ ଏନେଇ ଖୁଣ୍ଟା ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ପୋଖରୀରୁ ମୃତଦେହ ବାହାର କରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୪) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ଡୁକୁରା ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି କହିଛନ୍ତି।

## କେନ୍ଦୁଝର

## ସାଦା ଖାଦ୍ୟକୁ ନେଇ ନୂଆ-ଓ କାର୍ଯ୍ୟକ୍ରମରେ ଉତ୍ତେଜନା

କଣ୍ଟିପାଳ,୮।୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତରେ ଗୁରୁବାର ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ଖାଇବାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖାଇବାରେ ଆମୀଷ ହୋଇ ନ ଥିବାରୁ କିଛି ଲୋକେ ପାଟିତୁଣ୍ଡ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ସୂଚନା ମୁତାବକ, ନୂଆ-ଓ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କ ପାଇଁ ରୋଷେଇର ବ୍ୟବସ୍ଥା କରାଯାଇଥିଲା। ତେବେ ପ୍ରସ୍ତୁତ ହୋଇଥିବା ସାଦା ଖାଦ୍ୟକୁ କିଛି ଲୋକ ବିରୋଧ କରିଥିଲେ। ବିରୋଧ କରୁଥିବା ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ଅମିଷର ବ୍ୟବସ୍ଥା କରାଯାଇଥିଲା। ତେବେ ଏ କଥା ଜାଣି ଖାଇସାରିଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା ମାଧ୍ୟରେ ପରିସ୍ଥିତିକୁ ସମ୍ଭାଳିଥିଲା। ସମସ୍ତ ଘଟଣାର ଭିଡିଓ ଭାଇରାଲ ହେବା ପରେ ଏହା ଏବେ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି।

## ଅର୍ଥ ନେଇ କମ୍ପାନୀରେ ନିଯୁକ୍ତି ଅଭିଯୋଗ

### ପ୍ରତିଶ୍ରୁତି ନ ରଖିବାରୁ କାଉନ୍‌ସିଲରଙ୍କ ପ୍ରତିବାଦ

ଯୋଡ଼ା,୮।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକାରେ ଥିବା ଏକ ଶିଳ୍ପ ଏବଂ ଖଣି କମ୍ପାନୀରେ ନିଯୁକ୍ତିରେ ଅର୍ଥ କାରବାର ଅଭିଯୋଗ ହୋଇଛି। କମ୍ପାନୀ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ସ୍ଥାନୀୟ ଯୁବତୀ, ଯୁବକଙ୍କୁ ନିଯୁକ୍ତି ମିଳିନ ଥିବାରୁ ସ୍ଥାନୀୟ କାଉନ୍‌ସିଲରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ କାଉନ୍‌ସିଲରମାନେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

ଅଭିଯୋଗ ମୁତାବକ, ନିକଟରେ ଅନୁଷ୍ଠିତ ଖଣି ସମ୍ପ୍ରସାରଣ ଜନିତ ଗ୍ରାମସଭାରେ କମ୍ପାନୀ ପ୍ରତି ୱାର୍ଡରୁ ନିଯୁକ୍ତି ଦେବାର ପ୍ରତିଶ୍ରୁତି ଦେଇଥିଲା। ପ୍ରତିଶ୍ରୁତି ମୁତାବକ କାଉନ୍‌ସିଲରମାନେ ୱାର୍ଡରୁ ପ୍ରାର୍ଥୀ ତାଲିକା ଦେଇଥିଲେ। ନିକଟରେ ନିଯୁକ୍ତିକୁ ନେଇ ଏକ ଲିଖିତ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ କାଉନ୍‌ସିଲରମାନେ ଦେଇଥିବା ତାଲିକା ସହିତ କୌଣସି ତାଳମେଳ ନ ଥିଲା। ଚୟନ ହୋଇଥିବା ପ୍ରାର୍ଥୀ ବାହାର ଅଞ୍ଚଳର ବୋଲି ସନ୍ଦେହ କରି କାଉନ୍‌ସିଲରମାନେ ଗୁରୁବାର କମ୍ପାନୀ କାର୍ଯ୍ୟାଳୟକୁ ଯାଇ ଚୟନ ତାଲିକାକୁ ପ୍ରକାଶ କରିବାକୁ ଦାବି କରିଥିଲେ। ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ଅଗ୍ରାହ୍ୟ କରିଦେଇଥିଲେ। ନିଯୁକ୍ତି ପାଇଁ ୮୪ ଗୋଟି ପଦବୀ ବାହାରିଥିବା ବେଳେ ପ୍ରତିଶ୍ରୁତି ମୁତାବକ ଅଞ୍ଚଳର ଯୁବତୀ, ଯୁବକମାନଙ୍କୁ ଏଥିରେ ନିଯୁକ୍ତି ଦିଆ ନ ଯାଇ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ କରିଥିଲେ। ଏ ନେଇ କମ୍ପାନୀ ମୁଖ୍ୟଙ୍କ ସହିତ ଆଲୋଚନା ବେଳେ କୌଣସି ନିଷ୍କର୍ଷ ନ ବାହାରିବାରୁ କାଉନ୍‌ସିଲର ଭାନୁମତୀ ବାନା, ସୌଦାମିନୀ ନାଏକ, ରଶ୍ମିତା ପାଣିଗ୍ରାହୀ, ଅବୁଲ ହାସନ, ସୁମିତ୍ରା କାରୁଆ, ଗଣେଶ ମୋତି, ବିଶ୍ୱ ପ୍ରତାପ ବେହେରା, ଶୁଭମ ନାଏକ, ସନ୍ଧ୍ୟାରାଣୀ ପାତ୍ର, ପୂଜାସିଂ ଅଲଦା, ବରୁଣ ଆପଟ୍ଟ, ନୀଳମଣି ମୁଣ୍ଡା, ଦିପ୍ତୀରଞ୍ଜନ ବେହେରା ପ୍ରମୁଖ ପଳାଇ ଆସିଥିଲେ। ଶୁକ୍ରବାର ଖଣି ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ କରିବା ନେଇ ସୂଚନା ଦେଇଛନ୍ତି।


ଯୋଡ଼ା ପୌରପାଳିକାର କାଉନ୍‌ସିଲରମାନେ।

## ଆମ ଓଡ଼ିଶା, ନବୀନ ଓଡ଼ିଶା ‘ସହରୀ’ କାର୍ଯ୍ୟକ୍ରମ

ଚମ୍ପୁଆ,୮।୨ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଧରଣୀଧର ନଗର ଭବନଠାରେ ଆମ ଓଡ଼ିଶା, ନବୀନ ଓଡ଼ିଶା ‘ସହରୀ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଫୁରଲାଇ ବେସ୍ରାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥିଭାବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ଯୋଗଦେଇ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବର୍ତ୍ତମାନ ବୈପ୍ଳବିକ ପରିବର୍ତ୍ତନ ଆରମ୍ଭ ହୋଇଛି। ଏହାର ସୁଫଳ ସବୁ ବର୍ଗର ଲୋକ ଗ୍ରହଣ କରନ୍ତୁ ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥିଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷା ଯୋଗଦେଇ ସହରୀ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ପଦକ୍ଷେପ ନିଆଯାଇଥିବା ବେଳେ ଜନସାଧାରଣଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ସଂକଳ୍ପ ବଦ୍ଧ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ୧ ନମ୍ବର ଓ ୨ ନମ୍ବର ୱାର୍ଡର ମହିଳା, ପୁରୁଷ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗ ଦେଇଥିଲେ।

## ଫୁଲଚାଷକୁ ପ୍ରୋତ୍ସାହନ ମିଳୁନି

କେନ୍ଦୁଝର,୮।୨(ଦୀପକ ମିଶ୍ର)

କେନ୍ଦୁଝର ଜିଲାବାସୀ ସାଧାରଣତଃ କୋଲକାତାରୁ ଆସୁଥିବା ଫୁଲ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ଜିଲାର ଅନେକ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଫୁଲ ଚାଷ କରୁଛନ୍ତି। ମାତ୍ର ଉଦ୍ୟାନ ବିଭାଗର ଉଦାସୀନତା ଏବଂ କୃଷକମାନଙ୍କୁ ଆବଶ୍ୟକୀୟ ସଚେତନତା ଅଭାବରୁ ଚାଷୀମାନେ ଫୁଲର ଆବଶ୍ୟକତା ମେଣ୍ଟାଇ ପାରୁନାହାନ୍ତି। ବିଶେଷ କରି ଚାଷୀ ଉଚିତ୍ ମୂଲ୍ୟ ପାଉ ନ ଥିବାରୁ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି।

ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ରଜନୀଗନ୍ଧା, ଅରକେଡ, ଜାରବେରା, ଗ୍ଲାଡିଓଲ, ବେବି, ଷ୍ଟାର, ଆଷ୍ଟର, ଜିପସି, ମୋତି, ଡେଜି, ଚେରୀ, ମୁର୍ଗା, ଗୁଲ ମହର, ସୂର୍ଯ୍ୟମୁଖୀ, ସୋନବଲ, ଚନ୍ଦ୍ରମଲ୍ଲିକା, ଗୋଲାପ, ସେବତୀ, ସୋନୀ, ଗେଣ୍ଡୁ ଏବଂ ଅନ୍ୟାନ୍ୟ ଆଳଙ୍କାରିକ ଫୁଲ ଆମଦାନୀ ହେଉଛି। ତେବେ କେନ୍ଦୁଝର ଜିଲାର ମୃତ୍ତିକା ଫୁଲ ଚାଷ ପାଇଁ ଅନୁକୂଳ ଅଟେ। ବିଶେଷ କରି ଜିଲାର ସଦର, ହରିଚନ୍ଦନପୁର, ଝୁମ୍ପୁରା, ଚମ୍ପୁଆ ବ୍ଲକ୍ ଆଦି ଅଞ୍ଚଳର ଚାଷୀ ଗେଣ୍ଡୁ ଓ ଗୋଲାପ ଚାଷ କରୁଛନ୍ତି। ଯେଉଁ କେତେଜଣ ଚାଷୀ ଫୁଲ ଚାଷ କରୁଛନ୍ତି, ସେମାନଙ୍କ ପାଇଁ ବଜାର ସୁବିଧା ନାହିଁ। କେନ୍ଦୁଝର ସହରରେ କେତେକ ଚାଷୀ ଏବଂ ବେପାରୀ ଦୈନନ୍ଦିନ ରାସ୍ତା କଡ଼ରେ ବସି ଫୁଲ ବିକ୍ରି କରିଥାନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ଆଗ୍ରହୀ ଚାଷୀମାନଙ୍କୁ ଆବଶ୍ୟକୀୟ ତାଲିମ ଏବଂ ଫୁଲଚାଷ ପାଇଁ ଏକ ବାତାବରଣ ସୃଷ୍ଟି କରାଗଲେ ଅନ୍ୟାନ୍ୟ ଫୁଲ ଚାଷ ପ୍ରତି ଆଗ୍ରହ ପ୍ରକାଶ ପାଆନ୍ତା। କେନ୍ଦୁଝର ସଦର ବ୍ଲକ୍ ବନାଯୋଡ଼ି ଗ୍ରାମର ଚାଷୀ ଦୁର୍ଯ୍ୟୋଧନ ନାଏକ କହିଛନ୍ତି, ବ୍ୟବସାୟୀମାନେ କୋଲକାତାରୁ ଅଧିକ ଦରରେ ଫୁଲ ଆଣୁଛନ୍ତି, ହେଲେ ସ୍ଥାନୀୟ ଚାଷୀଙ୍କୁ ଉଚିତ୍ ଦର ଦେଉନାହାନ୍ତି। ଉଦ୍ୟାନ ବିଭାଗ ପକ୍ଷରୁ ସହାୟତା, ବଜାର ସୁବିଧା କରାଗଲେ ଚାଷୀମାନେ ଫୁଲ ଚାଷ ପ୍ରତି ଆଗ୍ରହ ପ୍ରକାଶ କରନ୍ତେ। କେନ୍ଦୁଝର ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଅତୀତରେ ଘଟଗାଁଠାରେ ଏସ୍‌ଏସ୍‌ଜି ମାଆମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ଅନ୍ୟାନ୍ୟ ସ୍ଥାନରେ ବୈଠକ ସହ ଟ୍ରେନିଂ କାର୍ଯ୍ୟକ୍ରମ ରଖିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ କହିଛନ୍ତି।

## କୁସୁମ ପାୱାର ପ୍ଲାଣ୍ଟ ଚଲାଇବାକୁ ନିବେଦନ

କେନ୍ଦୁଝର,୮।୨(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିଭିନ୍ନ ପ୍ରଲୋଭନ ଦେଖାଇ ଜମି ନେଇଗଲେ। କିଛିଦିନ ପ୍ଲାଣ୍ଟ ଚାଲିବା ପରେ ବନ୍ଦକରି କମ୍ପାନୀ ଛୁ ମାରିଲା। ପ୍ଲାଣ୍ଟ ଯୋଗୁ ପ୍ରଦୂଷିତ ହୋଇ ୭୦୦ ଏକର ଜମି ଟାଙ୍ଗରିଆ ହୋଇପଡ଼ିଛି। ଏଭଳି ଅଭିଯୋଗ କୁସୁମ ପାୱାର ପ୍ଲାଣ୍ଟ ଦ୍ୱାରା ପ୍ରଭାବିତ ଝୁମ୍ପୁରା ବ୍ଲକ୍ କୁଟୁଗାଁ ବାସିନ୍ଦା ଆଣିଛନ୍ତି।

ପ୍ରକାଶ ଯେ, ୨୦୦୧ରେ କୁଟୁଗାଁଠାରେ କୁସୁମ ପାୱାର ପ୍ଲାଣ୍ଟ ପ୍ଲାଣ୍ଟ ଚାଲୁ ହେଲା। ଏଥିରେ ଜମିହରା ୧୧ ଜଣ ଓ ସ୍ଥାନୀୟ ଅଞ୍ଚଳର ୪୦, ଠିକାଦାର ଅଧୀନରେ ପ୍ରାୟ ୪୦୦ ଜଣ ନିଯୁକ୍ତି ପାଇଥିଲେ। ଏଥିସହ ଆଖପାଖ ଅଞ୍ଚଳରେ ଚା’ ଦୋକାନଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ ବଜାର ଗଢ଼ି ଉଠିଥିଲା। ପ୍ଲାଣ୍ଟ ବନ୍ଦ ହୋଇଯିବାରୁ ଅନେକ ରୋଜଗାର ହରାଇଲେ। ଲୋକେ ଶିଳ୍ପ ଓ କଳକାରଖାନା ଚାଲୁହେବା ପାଇଁ ଜମି ଦେବା ପାଇଁ ଇଚ୍ଛୁକ ଅଛନ୍ତି। ଯଦି ପ୍ଲାଣ୍ଟ ଚାଲୁ କରିବାକୁ ମାଲିକ ଅକ୍ଷମ ତେବେ କୌଣସି ଏକ ବଡ କମ୍ପାନୀଙ୍କୁ ପ୍ଲାଣ୍ଟ ଦେବାର ବ୍ୟବସ୍ଥା କଲେ ସ୍ଥାନୀୟ ତଥା ଜିଲାର ଉନ୍ନତି ହୋଇପାରିବ। ନିକଟରେ ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ ଆଦି କଞ୍ଚାମାଲ ଭରପୂର ରହିଥିବାବେଳେ ଚିରସ୍ରୋତା ବୈତରଣୀ ନଦୀ ପ୍ରବାହିତ ହେଉଛି। କିଡ୍‌କୋ ରାସ୍ତା ଦେଇ ଜାତୀୟ ରାଜପଥ ୨୯ ଓ ୪୯ ରହିଥିବାବେଳେ ନିକଟରେ ଧାତିକା ଗ୍ରାମରେ ୧୩୩ ଗ୍ରୀଡ୍, ନୟାଗଡ଼ଠାରେ ରେଳ ସାଇଡିଂ ଅବସ୍ଥିତ। ତେଣୁ ଏ ଅଞ୍ଚଳରେ ମେଗା ଷ୍ଟିଲ ପ୍ଲାଣ୍ଟ ଚାଲୁ ହେଲେ କୌଣସି ଅସୁବିଧା ହେବ ନାହିଁ ବୋଲି ଆଖଣ୍ଡଳ ଲୋକ ସେବା ସମିତିର ସମ୍ପାଦକ ଜଳଧର ପଲେଇ, ସଭାପତି ପ୍ରମୋଦ ବାରିକ କହିଛନ୍ତି। ଏ ନେଇ ଏସ୍‌ପି ଓ ଜିଲାପାଳଙ୍କ ମିଳିତ ଅଭିଯୋଗ ପ୍ରକୋଷ୍ଠରେ ଅନୁରୋଧ କରିଛନ୍ତି।

## ଶତାଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ

### ପ୍ରାଣୀ ଚିକିତ୍ସକ ଛୁଟିରେ, ସେବା ବାଧାପ୍ରାପ୍ତ

ଢେଙ୍କିକୋଟ,୮।୨(ନୀଳମଣି ମଣ୍ଡଳ)

ରାଜ୍ୟରେ ପ୍ରାଣୀ ଚିକିତ୍ସକମାନେ ବିଭିନ୍ନ ଦାବିରେ ଜିଲା ପ୍ରାଣୀ ଚିକିତ୍ସାଳୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଫଳରେ ପ୍ରାଣୀ ଚିକିତ୍ସା ବାଧାପ୍ରାପ୍ତ ହୋଇଛି। ଏହି କ୍ରମରେ କେନ୍ଦୁଝର ଜିଲା ଢେଙ୍କିକୋଟ୍ ପ୍ରାଣୀ ଚିକିତ୍ସାଳୟରେ ସେବା ବାଧାପ୍ରାପ୍ତ ହୋଇଛି। ଫଳରେ ଅଞ୍ଚଳର ଅନେକ ଗୃହପାଳିତ ପ୍ରାଣୀ ସେବାରୁ ବଞ୍ଚିତ ହୋଇ ମୃତ୍ୟୁବରଣ କରୁଛନ୍ତି। ବିଶେଷତଃ ୧୦୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପ୍ରାଣୀ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିବାରୁ ଚାଷୀକୂଳ ଚିନ୍ତାରେ ପଡ଼ିଯାଇଛି।

ସୂଚନା ଅନୁଯାୟୀ, ଉକ୍ତ ଚିକିତ୍ସାଳୟ ଉପରେ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀ ନିର୍ଭର କରନ୍ତି। ଦୀର୍ଘ ୨୨ ଦିନ ହେଲା ପ୍ରାଣୀ ଚିକିତ୍ସକଙ୍କ ଛୁଟି ଫଳରେ ଛେଳି, ମେଣ୍ଢା, କୁକୁଡ଼ା, ବତକ, ଗାଈ ଆଦି ଚିକିତ୍ସାରୁ ବଞ୍ଚିତ ହେଉଥିବାରୁ ନାହିଁ ନଥିବା କ୍ଷତି ସହିଲେଣି। ଚିକିତ୍ସାଳୟକୁ କେବଳ ପିଅନ ଏବଂ ଚୌକିଦାର ଆସି କାର୍ଯ୍ୟାଳୟ ଖୋଲି ବସୁଛନ୍ତି। ମାତ୍ର କୌଣସି ପ୍ରାଣୀଙ୍କୁ ଚିକିତ୍ସା ସେବା ମିଳିପାରୁନାହିଁ। ଫଳରେ ଢେଙ୍କିକୋଟ ଅଞ୍ଚଳ ମହୁଲଗାଡ଼ିଆର ଭୀମସେନ ନାୟକଙ୍କ ୬, ଦୁର୍ଯ୍ୟୋଧନ ନାୟକଙ୍କ ୮ ଛେଳୀ, ତନୁ ନାୟକଙ୍କ ୧୦ ଛେଳୀ, ରଜତ ମହାରଣାଙ୍କ ୧୦ ଛେଳୀ ଏବଂ ଉପେନ୍ଦ୍ର ଦଳେଇଙ୍କ ୯ ଛେଳୀ ଏଭଳି ଅଞ୍ଚଳର ଚାଷୀଙ୍କ ୧୦୦ରୁ ଊର୍ଦ୍ଧ୍ୱ ଛେଳି ସମେତ ଗୃହପାଳିତ ପ୍ରାଣୀ ମୃତ୍ୟୁବରଣ କରିଛନ୍ତି। ଗତ ୬ ତାରିଖରେ ଅଜଣା ଗାଡି ଧକ୍କାରେ ପିପିଳିଆ ପଞ୍ଚାୟତ ବାଙ୍କପାଟୁଳି ଗ୍ରାମ ଜାତୀୟ ରାଜପଥରେ ଗୋଟିଏ ବଳଦର ମୃତ୍ୟୁ ଘଟିଥିବା ବେଳେ ୨ ଆହତ ହୋଇଛନ୍ତି। ସେମାନଙ୍କର ମଧ୍ୟ କୌଣସି ଚିକିତ୍ସା ହୋଇପାରୁନାହିଁ। ଏ ସମ୍ପର୍କରେ ଢେଙ୍କିକୋଟ ଭିଏଏସ୍ ବିଶ୍ୱରଞ୍ଜନ ସୋରେନ କହିଛନ୍ତି, ଜିଲାରେ ୪୭ ଜଣ ଭିଏଏସ୍‌ଙ୍କ ମଧ୍ୟରୁ ୪୨ ଜଣ ବିଭିନ୍ନ ଦାବି ନେଇ ଅନସନରେ ଅଛନ୍ତି। ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଅକ୍ଷୟ କୁମାର ଘଡ଼େଇ କହିଛନ୍ତି, ଡାକ୍ତରମାନେ ଅନସନରେ ଅଛନ୍ତି। ପିଅନ ମାନେ ଚିକିତ୍ସା କରୁଛନ୍ତି। ତେବେ କେବେ ଡାକ୍ତରମାନେ ଯୋଗ ଦେବେ ସେ କଥା କହିପାରିବେ ନାହିଁ ବୋଲି କହିଥିଲେ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବା ପାଇଁ ଢେଙ୍କିକୋଟ ବିକାଶମଞ୍ଚ ଦାବି କରିଛି।

## ଜଗତ ଜନନୀ ସେବାଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ


ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

କେନ୍ଦୁଝର,୮।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ମା’ ଜଗତ ଜନନୀ ସେବାଟ୍ରଷ୍ଟ ପକ୍ଷରୁ ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ ଅସହାୟ ବ୍ୟକ୍ତିମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସମେତ ଜିଲାର ସମସ୍ତ ବ୍ଲକ୍‌ରେ ମା’ ଜଗତ ଜନନୀ ସେବାଟ୍ରଷ୍ଟର ସଦସ୍ୟମାନେ କମ୍ବଳ ବଣ୍ଟନ କରୁଛନ୍ତି। ଏଥିସହ ମୟୂରଭଞ୍ଜ ଜିଲାର ୧୫ ବ୍ଲକ୍‌ରେ ମଧ୍ୟ ଗରିବ, ବୃଦ୍ଧ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିବା ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। କେବଳ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତ, ପୌରପାଳିକାର ୧୪ ୱାର୍ଡ, ବଡ଼ବିଲ ପୌରପାଳିକାର ୧୫ ୱାର୍ଡରେ ୧ ଲକ୍ଷରୁ ଊର୍ଦ୍ଧ୍ୱଙ୍କୁ କମ୍ବଳ ବଣ୍ଟନ କରାଯାଇଛି।

## ଭଦ୍ରକ

## କ୍ଷେତ୍ରବାସୀ ହାଇସ୍କୁଲର ବାର୍ଷିକୋତ୍ସବ

ଭଦ୍ରକ, ୮।୨ (ରବିନାରାୟଣ ଖିଲାର)

ଭଦ୍ରକ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ବିଦ୍ୟାଳୟ ଏକ ମଣିଷ ତିଆରି କାରଖାନା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଶିଳ୍ପପତି ଇଂ. ଅଭୟ ସୂତାର ଯୋଗଦେଇ ପ୍ରତ୍ୟେକ ଛାତ୍ର ପୂର୍ଣ୍ଣ ଜୀବନ ବଞ୍ଚିବା ପାଇଁ ସ୍ୱପ୍ନ ଦେଖିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଯୁବନେତା ତାପସ କୁମାର ରାୟ, ପୁରାତନ ଛାତ୍ର ଗୌରୀଗୋପାଳ ଜେନା, ସିଆର୍‌ସିସି ଅଭୟନାଥ ଲେଙ୍କା, ମୋ ସ୍କୁଲ ଅଭିଯାନ ସଭାପତି ନିତ୍ୟାନନ୍ଦ ବେହେରା, ପ୍ରମୁଖ ସଙ୍ଗୀତଜ୍ଞ ରୁଦ୍ରମାଧବ ବାରିକ, କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ଯେଉଁଠି ଆବଶ୍ୟକ, ସେଠି ଖୋଳାଯାଉନି

### ଖାଲୁଆ ଅଞ୍ଚଳରେ କାଡ଼ାନାଳ କରି ଠିକାଦାର ମାଲାମାଲ

ଧାମନଗର,୮।୨
(ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ମଧ୍ୟ ଦେଇ ଯାଇଥିବା ୪ ନଂ. କେନାଲ ପାଖରେ ଥିବା ପଳିକିରି ମୌଜାର ଚାଷଜମିକୁ ଭଦ୍ରକ କାଡ଼ା ବିଭାଗ ଅଧୀନ ୨୦ ନଂ. ମା’ ତାରିଣୀ ପାଣି ପଞ୍ଚାୟତ ଦ୍ୱାରା କାଡ଼ା ନାଳ ନିର୍ମାଣ ହେଉଛି। ସରକାରୀ ନିୟମକୁ ଉଲ୍ଲଂଘନ କରି ନିମ୍ନମାନର କାର୍ଯ୍ୟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଆବଶ୍ୟକ ହେଉଥିବା ଚାଷଜମିରେ ନାଳ କରା ନ ଯାଇ ଖାଲୁଆ ସ୍ଥାନରେ ନିର୍ମାଣ କରାଯାଉଛି। ଉକ୍ତ ସ୍ଥାନରେ ପୂର୍ବରୁ ମଧ୍ୟ ଲକ୍ଷାଧିକ ଟଙ୍କାର ପ୍ରକଳ୍ପ କରାଯାଇ ଅଳ୍ପ ଦୂରତା ମଧ୍ୟରେ ୨ଟି କାଡ଼ା ନାଳ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବ ସହ ସ୍ଥାନୀୟ ମୁଷ୍ଟିମେୟ ଲୋକେ କେନାଲ ପାଖ ପାଣିନାଳ ଓ ସରକାରୀ ଜମିକୁ ମାଟିରେ ପୋତି ଦେବା ଦ୍ୱାରା ଉକ୍ତ ନାଳ ସବୁ ନଷ୍ଟ ହେବା ସହ ବହୁ ମାତ୍ରାରେ ପୋତି ହୋଇଯାଇଛି। ପୁନର୍ବାର ଉକ୍ତ ଖାଲୁଆ ଚାଷଜମିକୁ ପାଣି ପଞ୍ଚାୟତରେ ଅନ୍ତର୍ଭୁକ୍ତ କରି ବେଆଇନ ଭାବେ କାଡ଼ା ନାଳ କରାଯାଉଛି। ଏ ନେଇ କୌଣସି ସୂଚନା ଫଳକ ନ ଥିବାବେଳେ ନିମ୍ନମାନର ସିମେଣ୍ଟ, ରଡ୍, ମେଟାଲ, ବାଲି ଆଦି ବ୍ୟବହୃତ ହେଉଛି। ନିୟମ ଅନୁଯାୟୀ ପାଣି ପଞ୍ଚାୟତ ଅଧୀନରେ କାର୍ଯ୍ୟକାରୀ ପ୍ରକଳ୍ପ କାମ ପୂର୍ବରୁ ସ୍ଥାନୀୟ ଚାଷୀମାନଙ୍କ ଲିଖିତ ସହମତି ଆବଶ୍ୟକ। ଏଠାରେ ନିୟମ ଉଲ୍ଲଂଘନ କରାଯାଇ ସପ୍ତାହେ ପୂର୍ବରୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଫଳରେ ଉକ୍ତ କାମକୁ ୨ ଦିନ ପରେ ଚାଷୀମାନେ ବନ୍ଦ କରିଥିଲେ। ପରେ ବିଭାଗୀୟ ଯନ୍ତ୍ରୀ ଚନ୍ଦନ କୁମାର ଦାଶ କ୍ଷେତ୍ର ପରିଦର୍ଶନ କରିଥିଲେ। ତାଙ୍କ କହିବା ଅନୁଯାୟୀ ଅନୁମୋଦନ ପ୍ରକଳ୍ପର ମୂଲ୍ୟ ୪୦ ଲକ୍ଷରେ ୪ନଂ. କେନାଲରେ ଥିବା ୩ଟି ଆଉଟଲେଟ୍‌ରୁ ୩ଟି ପାଣିନାଳ ହେବ। ଏବେ ଯେଉଁ ପ୍ରକଳ୍ପ ହେଉଛି, ଉକ୍ତ କେନାଲରେ ସଂଲଗ୍ନ ଥିବା ୪୫ ଆର୍ ସୋଠାରୁ ୫ ଶହ ମିଟର ଲମ୍ବର ପାଣିନାଳ ତିଆରି ପାଇଁ ମଞ୍ଜୁର ହୋଇଛି। ତେବେ ଅଭିଯୋଗ ଆଧାରରେ ତଦାରଖ କରାଯିବ। ଫଳକ ନିର୍ମାଣ ପାଇଁ ଠିକାଦାରଙ୍କୁ କୁହାଯିବା ସହ ଉକ୍ତ ପାଣି ପଞ୍ଚାୟତର ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।


ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

## ‘ଶିକ୍ଷା ଉତ୍ତମ ଚରିତ୍ର ଗଠନ କରେ’



ଚକ୍ରାପାଢ଼ୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଆଗରପଡ଼ା,୮।୨(ସୁଶାନ୍ତ ଦାଶ)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଚାରିଗାଁ ପଞ୍ଚାୟତ ଚକ୍ରାପାଢ଼ୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ କବିତା ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଉତ୍ତମ ଚରିତ୍ର ଗଠନ ସହ ଶିକ୍ଷା ଆମକୁ ଅନ୍ଧାରରୁ ଆଲୋକକୁ ଆଣିଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରିଣୀ ମଞ୍ଜୁଳାବାଳା ନାୟକ, ମୁଖ୍ୟବକ୍ତା ସାହିତ୍ୟିକ ହରିହର ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ହରେକୃଷ୍ଣ ଆପଟ, ସମିତିସଭ୍ୟ ଧରଣୀଧର କର, ଅଣିଜୋ ସାଧନ କେନ୍ଦ୍ରର ସଂଯୋଜକ ଅକ୍ଷୟ କୁମାର ସାହୁ, ପୂର୍ବତନ ସରପଞ୍ଚ ବନମାଳୀ ବେହେରା, ସାମାଜିକ କର୍ମୀ ପର୍ଶୁରାମ ପାଣିଗ୍ରାହୀ ଓ ପରିଚାଳନା କମିଟି ସଭାପତି ମୃତ୍ୟୁଞ୍ଜୟ କୁଣ୍ଡୁ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଫୁଲ୍ଲ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷକ ପ୍ରଫୁଲ୍ଲ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ବିଜୟ ଦାସ ଧନ୍ୟବାଦ ଦେଇଥିଲେ। କଳ୍ପନା ସାହୁ, ନିରୁପମା ଦାସ, ବିଶ୍ୱନାଥ ଯେନା, ବୃନ୍ଦାବନ ଯେନା ପ୍ରମୁଖ ସହଯୋଗ କରିଥିଲେ।

## ‘ଲୁକ୍କାୟିତ ପ୍ରତିଭା ବିକାଶ କରେ ବାର୍ଷିକୋତ୍ସବ’


ଜୟକିଷାନ ନୋଡାଲ ହାଇସ୍କୁଲ ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ଧାମନଗର, ୮।୨ (ଦେବେନ୍ଦ୍ର ଆଦିଆ)

ସ୍କୁଲର ବାର୍ଷିକୋତ୍ସବ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକାଶ କରିବାର ଏକ ମାଧ୍ୟମ। ଧାମନଗର ବ୍ଲକ ବାଲିପାଟଣାସ୍ଥିତ ଜୟକିଷାନ ନୋଡାଲ ହାଇସ୍କୁଲରେ ଗୁରୁବାର ଅନୁଷ୍ଠିତ ବାର୍ଷିକୋତ୍ସବରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଜେନା, ମୁଖ୍ୟକ୍ତା ଅମୃତ ଦର୍ଶନ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ଅର୍ଜୁନପୁର ସରପଞ୍ଚ ସରିତା ମହାନ୍ତି, ଏମ୍‌ଡି ହାଇସ୍କୁଲର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ହୋତା, ଗୋପବନ୍ଧୁ ହାଇସ୍କୁଲର ପ୍ରଧାନଶିକ୍ଷକ ମଦନ ମୋହନ ସାମନ୍ତରାୟ, ନଦୀଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ସମିତିସଭ୍ୟ ବିଦ୍ୟାଧର ରାଉତ ଓ ଏସ୍‌ଏମ୍‌ସି ସଭାପତି ଆଲୋକ ପରିଡ଼ା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଆରମ୍ଭରୁ ଅବସର ନେଇଥିବା ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷକ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ନିରଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ବିଶ୍ୱଜିତ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ସନ୍ଧ୍ୟାରେ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ନାୟକ ଓ ବିକାଶ ସାମଲଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ସନ୍ତୋଷ ଦୁଆରି, ରାମସିଂ ଟୁଡୁ, ଗୌତମ ସେଠୀ, ଶିକ୍ଷୟିତ୍ରୀ ପ୍ରେମଲତା ସାହୁ ଓ ଏସ୍‌ଏମ୍‌ସିର ସଭ୍ୟାସଭ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଶନ ଶକ୍ତି ରାଜ୍ୟ ସଂଯୋଜିକାଙ୍କ ଗସ୍ତ

ବାସୁଦେବପୁର, ୮।୨(ନାରାୟଣ ପ୍ରସାଦ ବାରିକ୍)

ମିଶନ ଶକ୍ତି ବିଭାଗ ରାଜ୍ୟ ସଂଯୋଜିକା ଲୋପାମୁଦ୍ରା ବକ୍ସିପାତ୍ର ବୁଧବାର ବାସୁଦେବପୁର ବ୍ଲକର ବିରସକୁ ଗସ୍ତରେ ଆସି ମିଶନ ଶକ୍ତି ମହିଳାଙ୍କ ସହ ଆଲୋଚନା କରିଥିଲେ। ମେଘାଶୁଣୀ ପେଡ଼ିକ୍ରାଫ୍ଟ ଉତ୍ପାଦକ ଗୋଷ୍ଠୀର ଉତ୍ପାଦକ ସାମଗ୍ରୀ ଦେଖିବା ସହ ଗୋଷ୍ଠୀର କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ। ତାଙ୍କୁ ପ୍ରଥମେ ମେଘାଶୁଣୀ ପେଡ଼ିକ୍ରାଫ୍ଟ ଗୋଷ୍ଠୀ ପକ୍ଷରୁ ସ୍ୱାଗତ କରାଯାଇଥିଲା। ପରେ ସେ ଗୋଷ୍ଠୀର ଧାନ ଓ ଖୋଟ ତଥା ଅନ୍ୟ ସାମଗ୍ରୀରୁ ନିର୍ମିତ ବିଭିନ୍ନ ସାମଗ୍ରୀର ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ମହିଳାମାନଙ୍କ ସହ ସେ ଆଲୋଚନା କରିବା ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଗୋଷ୍ଠୀର ସଭାନେତ୍ରୀ ସଂଯୁକ୍ତା ମିଶ୍ର, ସମ୍ପାଦିକା କୁନ୍ତଳା ମିଶ୍ର ପ୍ରମୁଖ ଏହି ସାମଗ୍ରୀ ତିଆରିର କୌଶଳ ତାଙ୍କୁ ଦେଖାଇଥିଲେ। ଗୋଷ୍ଠୀ ଦ୍ୱାରା ନିର୍ମିତ ସାମଗ୍ରୀର ବିକ୍ରି ବଜାର ସୃଷ୍ଟି କରିବା ପାଇଁ ଗୋଷ୍ଠୀ ପକ୍ଷରୁ ଦାବି କରାଯାଇଥିଲା। ବିପିଏମ୍ ବୀଣାପାଣି ପଣ୍ଡା, ଡିପିସି ଅଭିକ ନାରନ ଓ ବିପିସି ମଲ୍ଲିକା ମଲିକ ଉପସ୍ଥିତ ଥିଲେ।

## ପାଲ ଟାଣି ରହୁଛନ୍ତି ଲୋକେ

**ପ୍ରଶାସନ ଭାଙ୍ଗିଲା ଘର**

- ଜବରଦଖଲ ଉଚ୍ଛେଦରେ ପାତରଅନ୍ତର ଅଭିଯୋଗ
- ୨୪ ପରିବାରକୁ ନୋଟିସ୍, ଭଙ୍ଗାଗଲା ୧୫ ଘର


ଷାଠିବାଙ୍କୁଡ଼ା ଗ୍ରାମରେ ଉଚ୍ଛେଦ ହୋଇଥିବା ପରିବାର ପାଲ ଟାଣି ରହୁଛନ୍ତି।

ଚାନ୍ଦବାଲି,୮।୨ (କିଷାନ ପାତ୍ର)

ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ୨୪ ପରିବାରକୁ ନୋଟିସ୍ କରାଯାଇଥିଲା। ହେଲେ ୧୫ ପରିବାରର ଘରକୁ ଉଚ୍ଛେଦ କରାଯାଇ ବାକି ୯ ପରିବାରର ଘରକୁ ଛାଡ଼ି ଦିଆଗଲା। ଏପରିକି ବିନା ନୋଟିସ୍‌ରେ ମଧ୍ୟ କେତେକ ଘର ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ହୋଇଥିବା ପରିବାର ଲୋକେ ପାଲ ଟାଣି ରହୁଛନ୍ତି। ଜବରଦଖଲ ଉଚ୍ଛେଦରେ ପାତରଅନ୍ତର କରାଯାଇଛି। ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ଓଳଗ ପଞ୍ଚାୟତର ଷାଠିବାଙ୍କୁଡ଼ା ଗ୍ରାମରୁ ଏପରି ଅଭିଯୋଗ ଆସିଛି।

ପ୍ରକାଶ ଯେ, ଷାଠିବାଙ୍କୁଡ଼ା ଗ୍ରାମର ୪୫୩ ଓ ୫୨୩ ନମ୍ବର ଦୁଇ ଅନାବାଦୀ ପ୍ଲଟ୍‌ରେ ୨୪ ପରିବାର ଦୀର୍ଘବର୍ଷ ହେଲା ରହିଆସୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେଜଣ ଭୂମିହୀନ ଅଛନ୍ତି। ୨୦୧୩ରେ ଶାନ୍ତି କମିଟି ଡକାଯାଇ ସେମାନଙ୍କୁ ଅନାବାଦୀ ଜାଗା ଖାଲି କରିବାକୁ କୁହାଯାଇଥିଲା। କିନ୍ତୁ ସେମାନେ ଜାଗା ନ ଛାଡ଼ିବାରୁ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ଜାନୁଆରୀ ୨୪ରେ ଚାନ୍ଦବାଲି ତହସିଲ ପକ୍ଷରୁ ନୋଟିସ୍ ପରେ ୩୦ ତାରିଖରେ ଉଚ୍ଛେଦ କରାଯାଇଥିଲା। ଏଥିରେ ପାତରଅନ୍ତର କରାଯାଇଥିବା ୭୦ ବର୍ଷୀୟା ତିଳୋତ୍ତମା ଜେନା ଅଭିଯୋଗ କରିଛନ୍ତି। ବିନା ନୋଟିସ୍‌ରେ ତାଙ୍କ ଘର ଭଙ୍ଗାଯାଇଛି। ଅଚାନକ ଘର ଭାଙ୍ଗିବାରୁ ସମସ୍ତ ଜିନିଷ ମାଟି ତଳେ ରହିଯାଇଛି। ଏବେ ବୃଦ୍ଧା ବୃଦ୍ଧ ଛୁଆ ପିଲାଙ୍କୁ ଧରି ସେହି ଜାଗାରେ ଜରିପାଲ ତଳେ ଶୀତ କାକରରେ ଦିନ କାଟୁଥିବା ସେ କହିଛନ୍ତି। ପ୍ରଶାସନ ତୁରନ୍ତ ଭୂମିହୀନ ପରିବାରକୁ ଚିହ୍ନଟ କରି ଥଇଥାନ କରିବାକୁ ବିରଞ୍ଚି ଜେନା, ରମାକାନ୍ତ ଜେନା, ବୈକୁଣ୍ଠ ଜେନା, ବଟକୃଷ୍ଣ ଜେନା, କ୍ଷୀର ଜେନା, ବାସନ୍ତୀ ଜେନା ପ୍ରମୁଖ ଦାବି କରିଛନ୍ତି। ଏ ବିଷୟରେ ତହସିଲଦାର ଅଶ୍ୱିନୀ କୁମାର ଭୁୟାଁ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଚ୍ଛେଦ କରାଯାଇଛି। ତଦନ୍ତ କରାଯିବ, ଯିଏ ପ୍ରକୃତ ଭୂମିହୀନ ସେମାନଙ୍କ ପାଇଁ ଥଇଥାନ ବ୍ୟବସ୍ଥା କରାଯିବ।

